## ସଂକ୍ଷେପରେ

### ମଠରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ପଟ୍ଟାମୁଣ୍ଡାଇ,୩।୧(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧୀନ ବାଲିପଡା-ବଳଦେବନଗର ବଳଦେବଜୀଉ ମଠ ଠାରେ ଜଣେ ୧୨ ବର୍ଷର ନାବାଳିକାଙ୍କୁ ଅନିଲ ଭୂୟାଁ ନାମକ ଜଣେ ଯୁବକ ଗୁରୁବାର ବଳାତ୍କାର ଉଦ୍ୟମ କରିଥିବା ନେଇ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୁକ୍ତ ଯୁବକଙ୍କୁ କେସ୍ ନଂ-୪/୨୦୨୦ ଓ ଦଫା ୩୭୬,୫୧୧, ୩୫୪, ୨୯୪ , ୩୨୩ ଓ ୧୨ ପୋକ୍ସୋ ଆକ୍ଟରେ ଗିରଫ କରି ଶୁକ୍ରବାର କେନ୍ଦ୍ରାପଡା ଏଏସ୍‌ଜେ(ସ୍ୱତନ୍ତ୍ର କୋର୍ଟ)କୁ ଚାଲାଣ କରିଛି । ଅଭିଯୋଗରୁ ପ୍ରକାଶ ଯେ, ଗୁରୁବାର ସଂପୃକ୍ତ ନାବାଳିକା ତାଙ୍କ ମାଆଙ୍କ ସହିତ ଉକ୍ତ ମଠକୁ ଆସିଥିଲେ । ମାତ୍ର ମହନ୍ତ ବାବା ନ ଥିବାରୁ ନାବାଳିକା ମଠରେ ରହିଥିଲେ । ଅପରାହ୍ନ ସାଢେ ୪ଟା ବେଳେ ସେ ଟିଭି ଦେଖୁଥିବା ସମୟରେ ସଂପୃକ୍ତ ଯୁବକ ନାବାଳିକାଙ୍କୁ ଅସଦାଚରଣ କରିବା ସହିତ ବଳାତ୍କାର ଉଦ୍ୟମ କରିଥିଲେ । ନାବାଳିକା ଚିତ୍କାର କରିବାରୁ ମଠରେ ଉପସ୍ଥିତ ଥିବା ଅନ୍ୟ ଜଣେ ମହିଳା ଯୁବକଙ୍କୁ ବାଧା ଦେଇଥିଲେ । କିନ୍ତୁ ଅଭିଯୁକ୍ତ ଯୁବକ ମହିଳାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ବାଡେଇଥିଲେ । ପାଟି ଶୁଣି ବାଲିପଡା(ସିଦ୍ଧପାଟଣା) ଗ୍ରାମର ଅନ୍ୟ କେତେ ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଘଟଣାର ଆପୋଷ ସମାଧାନ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ । ଫଳରେ ନାବାଳିକା ଗୁରୁବାର ରାତିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଚଳାଇଛି । ଧର୍ମପୀଠରେ ଏଭଳି ଘଟଣା ଘଟିବା ନେଇ ଗ୍ରାମରେ ଆଲୋଡନ ସୃଷ୍ଟି ହୋଇଛି ।

### ଜୁନୁସନଗରରେ ବିଜେଡି ପକ୍ଷରୁ ବୈଠକ



**ରାଜନଗର,୩।୧(ଡି.ଏନ.ଏ.) :** ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ଜୁନୁସନଗର ଠାରେ ବିଜୁ ଜନତା ଦଳ ପକ୍ଷରୁ ନୂଆବର୍ଷ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଶ୍ୱରପୁର ପଞ୍ଚାୟତ ବିଜେଡି ସଭାପତି ଶୁଭ୍ରକାନ୍ତ ଭ୍ରମରରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଯୁବନେତା ମୋହନ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ଅଞ୍ଚଳରେ ରାସ୍ତାଘାଟର ଉନ୍ନତି ପାଇଁ ରାଜନଗର ବିଧାୟକ ନେଇଥିବା ବିଭିନ୍ନ ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ ଯୋଗଦେଇ ଜୁନୁସନଗର ଠାରେ ଥିବା ମା' ଶୀତଳା ମନ୍ଦିର ଚତୁଃପାର୍ଶ୍ୱରେ ନିଜ ପାଣ୍ଠିରୁ ପକ୍କାରାସ୍ତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଇଶ୍ୱରପୁର ପଞ୍ଚାୟତର ସରପଞ୍ଚ ପର୍ଶୁରାମ ବାରିକ, ଯୁବନେତା ଜିତେନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀକାନ୍ତ ପାହାଡି, ନିତାଇ ଜାନା, ରାଜୀବ ଲୋଚନ ପାଲ, ଗୋବିନ୍ଦ ଜାନା, ଚନ୍ଦ୍ର ଶେଖର ମାନ୍ନା, ରାଜୀବ ଭକ୍ତା, ଦେବଦୁଲାଲ ମଣ୍ଡଳ ପ୍ରମୁଖ ନିଜ ନିଜ ମତ ରଖିଥିଲେ।

### ବନ୍ଧୁ ମିଳନ ଉତ୍ସବ

**ମାର୍ଶାଘାଇ ,୩।୧(ଡି.ଏନ.ଏ.):** ମାର୍ଶାଘାଇ ଯଜ୍ଞ ପଡ଼ିଆ ପରିସରରେ ବୁଧବାର ନବବର୍ଷ ଉପଲକ୍ଷେ ମାର୍ଶାଘାଇ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନଜୀବୀ ବିଚିତ୍ରାନନ୍ଦ ବେହେରା ସଭାପତିତ୍ୱ କରିଥିଲେ । ପୁରାତନ ଛାତ୍ର ଇ. ସୌମ୍ୟରଞ୍ଜନ ରଥ ,ସଂଗ୍ରାମ କେଶରୀ ସାମଲ,ବିଷ୍ଣୁପ୍ରସାଦ ମିଶ୍ର ,ମନୋରଞ୍ଜନ ବସନ୍ତିଆ, ଅରୁଣ ବେଉରା,କଲୋଳ ଲେଙ୍କା,ସୁଧାଂଶୁ ଶେଖର ଲେଙ୍କା,ଦେବୀ ପ୍ରସାଦ ବେହେରା ଯୋଗଦେଇ ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସରୋଜ ଦାସ,ଶିଳ୍ପୀ ରଞ୍ଜନ ବେହେରା, ସୁନିଲ ବେହେରା,ପ୍ରକାଶ ବେହେରା,କାର୍ତ୍ତିକ ବେହେରା,ନିର୍ମଳ ବେହେରା,ଅରବିନ୍ଦ ପ୍ରଧାନ,ଅଧିର ପ୍ରଧାନ,ପ୍ରଦୀପ ବେହେରା ଏବଂ ସତ୍ୟରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ ।

## ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ

# ସାମୁଦ୍ରିକ ପ୍ରାଣୀଙ୍କ ପାଇଁ ଏବେ ମୃତ୍ୟୁର ଇଲାକା

**କେନ୍ଦ୍ରାପଡା ଅଫିସ,୩।୧**



କଟକଣାକୁ ଖାତିର ନାହିଁ । ମାଛ ମାରିବା ପାଇଁ ଟ୍ରଲର, ସ୍ପିଡ ବୋଟ ଚାଲିଛି । ବନ ବିଭାଗ, ତଟରକ୍ଷା ବାହିନୀ, ସାମୁଦ୍ରିକ ଥାନା ପୋଲିସ ଜଗୁଥିଲେ ମଧ୍ୟ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଏହି ବେଆଇନ କାରବାର ବେଧଡକ ଚାଲିଛି । ଫଳରେ ସାମୁଦ୍ରିକ ଅଭୟାରଣ୍ୟ ଏବେ ମୃତ୍ୟୁର ଇଲାକା ପାଲଟିଛି ବୋଲି ବହୁ ପରିବେଶବିତ୍ ଉଦ୍‌ବେଗର ସହ ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ ପରିବେଶବିତ୍ ଜଗନ୍ନାଥ ଦାଶ କୁହନ୍ତି ଯେ, ଭିତରକନିକାର ୬୭୨ ବର୍ଗ କିଲୋମିଟର ଅଞ୍ଚଳକୁ ରାଜ୍ୟ ସରକାର ୧୯୭୫ ମସିହାରେ ବନ୍ୟଜନ୍ତୁଙ୍କ ପାଇଁ ଅଭୟାରଣ୍ୟ ଘୋଷଣା କରିଥିବା ବେଳେ କେନ୍ଦ୍ର ସରକାର ୧୯୮୮ ମସିହାରେ ଜାତୀୟ ଉଦ୍ୟାନ ଭାବେ ଏହାକୁ ମାନ୍ୟତା ଦେଇଥିଲେ । ଧାମରା ମୁହାଣ ଠାରୁ ଦକ୍ଷିଣରେ ମହାନଦୀ ମୁହାଣ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲା ଗହୀରମଥା ବେଳାଭୂମି ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଲିଭ ରିଡଲେ କଇଁଛ ଅଣ୍ଡା ଦେଉଥିବାରୁ ଏହି ଅଞ୍ଚଳକୁ ରାଜ୍ୟ ସରକାର ୧୯୯୭ ମସିହାରେ ସାମୁଦ୍ରିକ ଅଭୟାରଣ୍ୟ ଭାବେ ଘୋଷଣା କଲେ । ଏହି ଘୋଷଣା ସାମୁଦ୍ରିକ ପ୍ରାଣୀଙ୍କ ପାଇଁ ବରଦାନ ହୋଇଥିଲା । ତେବେ ଗତ କିଛି ବର୍ଷ ଧରି ଅଭୟାରଣ୍ୟର କଟକଣାକୁ ନ ମାନି ମାଛ ଧରା ଚାଲିଛି । ଫଳରେ ସାମୁଦ୍ରିକ ମାଛ, ତିମି, ଡଲଫିନ, ବିରଳ ଅଲିଭ ରିଡଲେଙ୍କ ମୃତ୍ୟୁର ଇଲାକା ହୋଇଥିବା ସେ ପ୍ରକାଶ କରିଛନ୍ତି । ଏଥିସହ ସେ କହିଛନ୍ତି ଯେ, ଗତ ୧୪ ତାରିଖରେ ଟ୍ରଲର, ସ୍ପିଡ ବୋଟ ମାଡରେ ୩ଟି ଇରାୱାଡି ପ୍ରଜାତିର ମୃତ ଡଲଫିନ ପେଣ୍ଠ ବେଳାଭୂମି ଠାରେ ଦେଖିବାକୁ ମିଳିଥିଲା । ତେବେ ଟ୍ରଲର ମାଡରେ ମୃତ ଗୋଟିଏ ମା'ଡଲଫିନ ପେଟରୁ ଶିଶୁ ଡଲଫିନର କିଛି ଅଂଶ ବାହାରକୁ ବାହାରି ଯାଇଥିବା ବେଳେ ବାକି ଅଂଶ ମାଆ ପେଟରେ ରହିଥିବାର ଦେଖିବାକୁ ମିଳିଥିଲା । ଗତ ଜାନୁୟାରୀ ମାସରେଏହି ଅଞ୍ଚଳରେ ୪୦ ଫୁଟ ଲମ୍ବର ତିମି ମୃତଦେହ ଲାଗିଥିବା ବେଳେ ଏହା ପୂର୍ବରୁ ବହୁବାର ଏପରି ଘଟଣା ଦେଖିବାକୁ ମିଳିଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ଭିତରକନିକାର ଜୈବ ବିବିଧତା ପାଇଁ ସାମୁଦ୍ରିକ ପ୍ରାଣୀ ଆକୃଷ୍ଟ ହୋଇଥାନ୍ତି । ଏହାର ସୁରକ୍ଷା ପାଇଁ ସମୁଦ୍ର କୂଳରୁ ୨୦ କିଲୋମିଟର ପର୍ଯ୍ୟନ୍ତ ଟ୍ରଲର, ଗିଲନେଟର ଆଦି ଯନ୍ତ୍ରଚାଳିତ ଯାନର ପ୍ରବେଶ ନିଷେଧ ହୋଇଛି । ସେହିପରି କଇଁଛ ପ୍ରଜନନ ସମୟ ନଭେମ୍ବର ୧ରୁ ମେ ଶେଷ ଯାଏଁ ହୋଇଥିବାରୁ ଏହି ସମୟରେ ସାମୁଦ୍ରିକ କଟକଣା ଜାରି ହୋଇଛି । ଏହାସତ୍ତ୍ୱେ ମାଛଧରା ବନ୍ଦ ହେଉନାହିଁ । ଏହି ସାମୁଦ୍ରିକ ଅଭୟାରଣ୍ୟରେ ୨୦୧୮ ମସିହାରେ ୩୦୭ଟି ଡଲଫିନ ଥିବା ଜଣା ପଡିଥିବା ବେଳେ ଗତବର୍ଷ ଏହାର ସଂଖ୍ୟା କମିଯାଇ ୧୨୬ରେ ଅଛି । ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଅଲିଭ ରିଡଲେ ମରି କୂଳରେ ଭାସୁଥିବା ଦେଖିବାକୁ ମିଳୁଛି । ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କହିଛନ୍ତି ଯେ, ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ଦୁର୍ଗତି ପାଇଁ ମାଛ ଓ ଟ୍ରଲର ବ୍ୟବସାୟୀଙ୍କ ସହ ନିକଟରେ ଥିବା ହୁଇଲର ଦ୍ୱୀପ, ଅନୁପ୍ରବେଶ, ଚିଙ୍ଗୁଡି ଘେରି ଆଦି ବିପଦ ସାଜିଛି । ହୁଇଲର ଦ୍ୱୀପରେ ପରୀକ୍ଷା କରା ଯାଉଥିବା କ୍ଷେପଣାସ୍ତ୍ର ସାମୁଦ୍ରିକ ଜୀବର ଜୀବନ ପ୍ରଣାଳୀକୁ ପ୍ରଭାବିତ କରୁଛି । ସେହିପରି ଅନୁପ୍ରବେଶକାରୀ ଜଙ୍ଗଲ ଜମିକୁ ଜବରଦଖଲ କରି ସମୁଦ୍ରାଞ୍ଚଳକୁ ନିଜର କରିଛନ୍ତି । ଏଥିସହ ଚିଙ୍ଗୁଡି ଘେରିରୁ ନିର୍ଗତ ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ଜୀବର ମୃତ୍ୟୁର କାରଣ ହେଉଛି । ବେଆଇନ ଟ୍ରଲର ଚଳାଚଳ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି ଯେ, ବନବିଭାଗ ପକ୍ଷରୁ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ସୁରକ୍ଷିତ କରାଯାଇଛି । ଗତ ନଭେମ୍ବରରୁ ଅଦ୍ୟାବଧି ୨୨ଟି ଟ୍ରଲର, ସ୍ପିଡ ବୋଟ ଧରାହେବା ସହିତ ୧୩୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ଚାନ୍ଦୋଳ ବଜାର କମିଟିର ନବବର୍ଷ ବନ୍ଧୁ ମିଳନ

**ଡେରାବିଶ,୩।୧(ସ୍ୱ,ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବ୍ୟବସାୟୀ ସଂଘ ଚାନ୍ଦୋଳ ବଜାର କମିଟିର ନବବର୍ଷ ବନ୍ଧୁ ମିଳନ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । କମିଟି ସଭାପତି ନିଶାମଣି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ, ବାଲିଆ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅଟୋ ଚାଳକ ସଂଘର ସଭାପତି ପ୍ରସନ୍ନ କୁମାର ରାଉତ ସମସ୍ତଙ୍କୁ ଗୋଲାପ ଫୁଲ ଉପହାର ଦେଇ ସ୍ୱାଗତ କରିଥିଲେ । ସମ୍ପାଦକ ରତ୍ନାକର ନାୟକ ବଜାରର ଶାନ୍ତିଶୃଙ୍ଖଳା, ପରିଷ୍କାର ପରିଚ୍ଛନ୍ନତା ପାଇଁ ବ୍ୟବସାୟୀମାନଙ୍କ ସହଯୋଗ କାମନା କରିଥିଲେ । ଏଥିସହ ବଜାର କମିଟିର ନିଜସ୍ୱ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଏହି ମାସ ଶେଷରେ ଉଦ୍‌ଘାଟନ କରାଯିବା ପାଇଁ ସ୍ଥିର କରାଯାଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ନିଷ୍ଠାପର ସେବା ପାଇଁ ଫାଣ୍ଡି ଅଧିକାରୀ ସାହୁ, ବଜାର କମିଟି ସଭାପତି ବେହେରା, ସମ୍ପାଦକ ନାୟକ, ବାଲିଆ ବଜାରକମିଟି ସଭାପତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହ-ସମ୍ପାଦକ ମିହିର କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାରୀ ନିର୍ଯାତନା ବିରୋଧରେ ବିକ୍ଷୋଭ

**କେନ୍ଦ୍ରାପଡା ଅଫିସ, ୩।୧**




ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଦେଶରେ ନାରୀ ନିର୍ଯାତନା ବୃଦ୍ଧି ପାଉଛି। ଏହି ଅଭିଯୋଗ ଆଣି ଭାରତୀୟ ମହିଳା ଫେଡେରେଶନ କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହିତ ଜିଲା ସଭାପତି ନିରୁପମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ପାଦିକା ସୁବାସିନୀ ଭଦ୍ର, ସିପିଆଇ ଜିଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ବରିଷ୍ଠ ନେତା ଆଦିକନ୍ଦ ରାଉଳ, ନିରଞ୍ଜନ ଦାସ, ସୁହାନା ବେଗମ, ସସ୍ମିତା ବେହେରା, ଦ୍ରୌପଦୀ ରାଉତ, ସତ୍ୟ ନାରାୟଣ ଜେନା ପ୍ରମୁଖ ଯୋଗଦେଇ ଦେଶର କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ସମସ୍ୟାକୁ ଉତ୍ଥାପନ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, ଦେଶ ସ୍ୱାଧୀନ ହେବାର ୭୨ ବର୍ଷ ବିତିଛି । ଦେଶର ଶାସନ ପ୍ରଣାଳୀ ବଦଳୁଥିଲେ ମଧ୍ୟ ମହିଳାଙ୍କୁ ସୁରକ୍ଷିତ କରାଯାଇପାରୁନାହିଁ । ମହିଳା ସଶକ୍ତୀକରଣ ପ୍ରହସନ ପାଲଟିଛି । ପ୍ରତ୍ୟେକ ଦିନ ନାବାଳିକା ଓ ମହିଳାଙ୍କୁ ବଳାତ୍କାର, ହତ୍ୟା ଘଟଣା ଲୋକଲୋଚନକୁ ଆସୁଛି। ଏହାର ନିରାକରଣ ସହ କେତେକ ଦାବି ଉପସ୍ଥାପନ କରିଥିଲେ । ବିକ୍ଷୋଭ ପୂର୍ବରୁ ସଂଗଠନର ସଦସ୍ୟମାନେ ସହରର ପୁରୁଣା ବସଷ୍ଟାଣ୍ଡରୁ ଭଗବତୀ ନାୟକଙ୍କ ନେତୃତ୍ୱରେ ବାହାରି ବିକ୍ଷୋଭସ୍ଥଳରେ ପହଞ୍ଚିଥିଲେ ।

### ସତୀର୍ଥର ସାହିତ୍ୟ ଆସର

**କେନ୍ଦ୍ରାପଡା ଅଫିସ, ୧।୧**

କେନ୍ଦ୍ରାପଡା ବ୍ଲକ ବାରୋଷ୍ଥିତ ଭାବଗ୍ରାହୀ କଳା ନିକେତନ ପରିସରରେ ସତୀର୍ଥ ଅନୁଷ୍ଠାନର ସାହିତ୍ୟ ଆସର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଅମରପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ସାହିତ୍ୟର ସ୍ଥିତି ଓ ପ୍ରଗତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ କବି ହେମନ୍ତ କୁମାର ରାଉତ, ଡ. ନାରାୟଣ ଜେନା, ପ୍ରଦୀପ୍ତ କୁମାର ଦାଶ, ରାମକୃଷ୍ଣ ଦାସ, ଡ. ରତ୍ନାକର ମଲ୍ଲିକ ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚକମାନେ ଦର୍ଶାଇଥିଲେ ଯେ, ସୃଷ୍ଟିର ଆଦ୍ୟ ଓଁକାର ଶବ୍ଦରୁ କବିତା ଜନ୍ମ ନେଇଛି । ଜନମାନସକୁ ପ୍ରଭାବିତ କରୁଥିବା କବିତା କାଳଜୟୀ ହୋଇଥିବା ବେଳେ ସାଂପ୍ରତିକ ସମୟରେ କବିତାର ସଂଜ୍ଞା ବଦଳି ଯାଇଛି । ସେହିପରି ଓଡିଆ ଭାଷାରୁ ବିଭିନ୍ନ ଶବ୍ଦ ହଜି ଯାଉଥିବାରୁ ଆଲୋଚକମାନେ କ୍ଷୋଭ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସମ୍ପାଦକ ମନ୍ମଥ ବରାଳ ଆଲୋଚନାର ଶୀର୍ଷକ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ନବବର୍ଷକୁ ସ୍ୱାଗତ କରି ନିରୁପମା ଦାସଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା । ଏଥିରେ କବି ରାଜୁ ସାମଲ, ଅପର୍ଣ୍ଣ ସେଠୀ, ସ୍ୱପ୍ନାଂଶୁ ଦାସ, ରଞ୍ଜନ ବାଇ, ଗୀତା ଦାସ, ସଞ୍ଜୟ ମଥାନ, ବର୍ଷା ବରାଳଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଏହାକୁ ଭାଗବତ ଷଡ଼ଙ୍ଗୀ, ଚକ୍ରଧର ସେଠୀ ପରିଚାଳନା କରିଥିଲେ ।




ସାହିତ୍ୟ ଆସରରେ ଉପସ୍ଥିତ ସାହିତ୍ୟିକମାନେ ।

# ଅଦିନିଆ ବର୍ଷା ପାଇଁ ଚାଷୀ ଚିନ୍ତାରେ

**ଡେରାବିଶ,୩।୧(ସ୍ୱ.ପ୍ର.)**

ଗତ ଦୁଇ ଦିନ ହେଲା ଅଦିନିଆ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତେବେ ଧାନ ଅମଳ ସମୟରେ ହଠାତ୍ ବର୍ଷା ହେବାରୁ ଡେରାବିଶ ବ୍ଲକ ଅଞ୍ଚଳରେ ଚାଷୀଙ୍କ ଚିନ୍ତା ବଢିଯାଇଛି । ବ୍ଲକ ଅଧୀନ ଇନ୍ଦାଳୋ ପାଟ, କେଶରପୁର ପାଟ, କୋଶିଦା ପାଟ, ଚାନ୍ଦୋଳ ଗହୀର, ଅଠରାପଡା ପାଟ, ନୂଆହାଟପାଟ, ନୋଳସାହି ପାଟ ସମେତ କେନାଲ ପାର୍ଶ୍ୱରେ ଥିବା ଚାଷଜମିଗୁଡିକରେ ବହୁ ପରିମାଣରେ ଧାନ କଟା ହୋଇ ବିଲରେ ପଡିରହିଛି । ଫଳରେ ଏହି ଚାଷଜମିରୁ ଧାନ ଅମଳ କରିବା ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି । ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ସମ୍ପାଦକ କୃତିବାସ ଦାସ କୁହନ୍ତି .ବହୁ ଅଞ୍ଚଳରେ ଶ୍ରମିକ ଅଭାବରୁ ଧାନ କାଟିବା ନେଇ ସମସ୍ୟା ଦେଖାଦେଇଥିଲା । ବହୁଦିନ ହେବ ବିଲରେ ଧାନ ପାଚି ଯାଇଥିବାରୁ କେତେକ ଚାଷୀ ନିଜ ଜମିରୁ ନିଜେ ଧାନ କାଟିବା ଆରମ୍ଭ କରିଥିଲେ । ଏହିସବୁ ଧାନ ବିଲରେ ପଡ଼ି ରହିଥିଲା । ମାତ୍ର ଅଦିନିଆ ବର୍ଷା ଯୋଗୁ ବିଲଗୁଡ଼ିକରେ ପାଣି ଜମି ରହିବା ଫଳରେ ଧାନ ଅମଳ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି । ଅଗ୍ରଣୀ ଚାଷୀ ବିଧୁଭୂଷଣ ମହାପାତ୍ର କୁହନ୍ତି ,ଖାଲୁଆ ଜମି ଗୁଡ଼ିକରେ ଅଦିନିଆ ବର୍ଷା ପାଣି ଜମି ରହିବା ଯୋଗୁ ଧାନ ଫସଲ ଅମଳ କରିବା କଷ୍ଟକର ହୋଇପଡିବ । ବିଭିନ୍ନ ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ଆଣି ଚାଷ କାର୍ଯ୍ୟ କରିଥିବା ବହୁ ଚାଷୀ ବର୍ଷା ପାଇଁ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରଶାସନ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କୁ ପଚାରିବାରୁ କହିଛନ୍ତି ଯେ, ଅଦିନିଆ ବର୍ଷାରେ ବ୍ଲକ ଅଞ୍ଚଳରେ କେତେ ଅମଳକ୍ଷମ ଧାନର କ୍ଷୟକ୍ଷତି ହୋଇଛି ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ । ତେବେ ବର୍ଷା ଛାଡ଼ିବା ପରେ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ସାମଲ କହିଛନ୍ତି ।

### ଗେଣ୍ଡୁଫୁଲ ଛିଡାଇ ଦେବାରୁ ବୃଦ୍ଧଙ୍କୁ ଆକ୍ରମଣ

**ଆଳି,୩।୧(ଡି.ଏନ.ଏ.)**

ନୂଆବର୍ଷ ଦିନ ସକାଳେ ଜଣେ ବୃଦ୍ଧ ଘର ପାଖର ଜଣେ ବ୍ୟକ୍ତିଙ୍କ ବଗିଚାରୁ ଗେଣ୍ଡୁଫୁଲ ଛିଡାଇ ବଗିଚା ମାଲିକଙ୍କ ଆକ୍ରମଣରେ ଆହତ ହୋଇଥିବା ଆଳି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଆକ୍ରମଣକାରୀ ବୃଦ୍ଧଙ୍କୁ ଗିରଫ କରାଯାଇଛି । ସିଙ୍ଗିରି ବଜାର ନିକଟସ୍ଥ ଅଳିହା ଗ୍ରାମର ଜଣେ ୬୬ ବର୍ଷୀୟ ବ୍ୟକ୍ତିଙ୍କ ଫୁଲ ବଗିଚାରୁ ସିଙ୍ଗିରି ଗ୍ରାମର କେ. କର (୭୭) ଏକ ଗେଣ୍ଡୁଫୁଲ ଛିଣ୍ଡାଇ ଦେଇଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ବଗିଚାର ମାଲିକ ଏକ କାଠ ଦଣ୍ଡାରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ ।

## ନଦୀ ଉପରେ ଅସାଧୁ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି

# ଔଷଧ ପ୍ରୟୋଗ କରି ମାଛ ମରାଯିବା ଅଭିଯୋଗ



ଔଷଧ ପ୍ରୟୋଗ ପରେ ନଦୀ କୂଳରେ ମାଛ ନିସ୍ତେଜ ହୋଇ ପଡିଛି ।

- କୁମ୍ଭୀର ବଂଶ ପ୍ରତି ବିପଦ
- ନଦୀ ଜଳ ପ୍ରଦୂଷିତ ଆଶଙ୍କା

**ମହାକାଳପଡା,୩।୧(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ନଦୀନାଳଗୁଡିକରେ ସ୍ଥାନୀୟ ଅଞ୍ଚଳର କେତେକ ଅସାଧୁ ମାଛ ବ୍ୟବସାୟୀ ରାସାୟନିକ ଔଷଧ ବ୍ୟବହାର କରି ଅତି ସହଜରେ ଚିଙ୍ଗୁଡି, କଙ୍କଡା ଓ ବିଭିନ୍ନ ପ୍ରକାର ମାଛ ମାରୁଥିବାର ଦେଖିବାକୁ ମିଳୁଛି । ଫଳରେ ନଦୀନାଳ ଜଳ ପ୍ରଦୂଷିତ ହେବା ସାଙ୍ଗକୁ କୁମ୍ଭୀର ବଂଶ ଓ ଅନ୍ୟ ଜଳଚର ଜୀବ ପ୍ରତି ବିପଦ ଆଶଙ୍କା ରହିଛି । ସୂଚନାଯୋଗ୍ୟ ଯେ, ମହାକାଳପଡା ବ୍ଲକ ନିକଟ ଦେଇ ପ୍ରବାହିତ ମହାନଦୀ, ଲୁଣା, ଗୋବରୀ ନଦୀ ସମେତ ଅନ୍ୟ ଶାଖା ନଦୀରେ ସମୁଦ୍ର ଜୁଆରର ଭଟ୍ଟା ସମୟରେ ଅସାଧୁ ମାଛ ବ୍ୟବସାୟୀମାନେ ଅତି ସତର୍କତାର ସହ ଏହି ରାସାୟନିକ ଔଷଧକୁ ଏକ ପଲିଥିନରେ ଗୁଡାଇ ଜଳସ୍ରୋତରେ ପ୍ରୟୋଗ କରିଥାନ୍ତି। ଏହି ଔଷଧ ନଦୀ କିମ୍ବା ସମୁଦ୍ର ଜୁଆର ପାଣି ସଂସ୍ପର୍ଶରେ ଆସିବା ପରେ ଚିଙ୍ଗୁଡି, କଙ୍କଡା ଓ ଅନ୍ୟାନ୍ୟ ମାଛ ଔଷଧ ଥିବା ପଲିଥିନ ପାର୍ଶ୍ୱକୁ ମୁହାଁଇଥାନ୍ତି। ପରବର୍ତ୍ତୀ ସମୟରେ ଏହି ଔଷଧର ପ୍ରଭାବରେ ମାଛ, କଙ୍କଡା କୂଳ ପାଖକୁ ଆସି ଆଲିଜା ହୋଇ ପଡି ରହିଥାନ୍ତି। ଏହାପରେ ମାଛ ବ୍ୟବସାୟୀମାନେ ଡଙ୍ଗା ସାହାଯ୍ୟରେ ଯାଇ ସଂଜ୍ଞାହୀନ ହୋଇ ପଡିଥିବା ମାଛ କଙ୍କଡାକୁ ସହଜରେ ଧରିଥାନ୍ତି। ସାଧାରଣତଃ ମହାନଦୀ, ଗୋବରୀ, ଗୁପ୍ତଗିରି, ଲୁଣା, ଗଳିଆ ନଦୀ ଆଦି ପାର୍ଶ୍ୱରୁ ପ୍ରଚୁର ପରିମାଣରେ ମାଛ ମାରିଥାନ୍ତି। ଏହି ସରଳ ଉପାୟରେ ଅସାଧୁ ମାଛ ବ୍ୟବସାୟୀମାନେ ଅତି ମୂଲ୍ୟବାନ ମାଛ ମାରି ମାଲାମାଲ ହେଉଥିବା ବେଳେ ନଦୀ ଜଳ ପ୍ରଦୂଷିତ ହେଉଛି। ଅପରପକ୍ଷରେ ଏହି ମାଛମରା ରାସାୟନିକ ଔଷଧକୁ କଟକ, କେନ୍ଦ୍ରାପଡା ଓ କଲିକତା ଅଞ୍ଚଳର ଚୋରା ବ୍ୟବସାୟୀଙ୍କଠାରୁ କ୍ରୟ କରାଯାଉଛି। ଏହି ରାସାୟନିକ ଔଷଧ ବିକ୍ରି ପାଇଁ ସରକାରୀ ବା ପ୍ରଶାସନର ଅନୁମତି ନ ଥିବା ବେଳେ ଏହା ଅବାଧରେ ବିକ୍ରି ହେଉଛି ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି, ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଔଷଧ ପ୍ରୟୋଗ ଦ୍ୱାରା କୁମ୍ଭୀର ବଂଶ ପ୍ରତି ବିପଦ ରହିଛି ବୋଲି ପରିବେଶବିତ୍ ମାହାଳି ସୂଚନା ଦେଇଛନ୍ତି। ତୁରନ୍ତ ଏହି ଅସାଧୁ ବ୍ୟବସାୟୀଙ୍କ ଉପରେ କଡା ନଜର ରଖିବାକୁ ସାଧାରଣରେ ଦାବି ହେଉଛି।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
**e-mail : substore.bargarh@gmail.com**
**Tel / Fax - 06646-232804**
No.E-634 :- **CORRIGENDUM NOTICE**
**No.47** **Date:02.01.2020**
In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.
**Sd./-**
**Chief District Medical &**
**Public Health Officer, Bargarh**
**10124/11/0002/1920**

**Government of Odisha**
**"e" Procurement Notice**
No.: O-750
**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.
**Sd./- Executive Engineer**
**R.W. Division, Angul**
25096/11/0008/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୪/୨୦୨୦ Bhubaneswar, Saturday, January 4/2020

## ସଂକ୍ଷେପରେ

### କାଶୀନାଥ ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଆବକ୍ଷ ମୂର୍ତ୍ତି ଉନ୍ମୋଚିତ

ବରୀ,୩।୧(ସ୍ୱ.ପ୍ର)- ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତସ୍ଥିତ କାଶୀନାଥ ମହାବିଦ୍ୟାଳୟ ପରିସରରେ ଗୁରୁବାର ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତଃ କାଶୀନାଥ ଜେନାଙ୍କ ଆବକ୍ଷ ମୂର୍ତ୍ତିକୁ ମହାବିଦ୍ୟାଳୟ ପରିସରରେ ବିଧାୟିକା ସୁନନ୍ଦା ଦାସ ଉନ୍ମୋଚନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଧକ୍ଷ ସନାତନ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଜେନାଙ୍କ ସ୍ତ୍ରୀ ସୌଦାମିନୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଅଧକ୍ଷ କୃଷ୍ଣପ୍ରସାଦ ଦାସ, ସନ୍ତୋଷ କୁମାର ପତି, ଅଶୋକ କୁମାର ସାମଲ, ପ୍ରମୋଦ କୁମାର ଶତପଥି, ଦିଲୀପ କୁମାର ମଲ୍ଲିକ, ଲକ୍ଷ୍ମଣ କୁମାର କର, ପ୍ରଣବ କୁମାର ପାତ୍ର ପ୍ରମୁଖ ଅଧାପକ ମଞ୍ଚାସୀନ ହୋଇ ପ୍ରତିଷ୍ଠାତା ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ମହିଳାଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଦାବିରେ ବିକ୍ଷୋଭ

**ଯାଜପୁର ଟାଉନ,୩।୧(ଡିଏନଏ)**

ରାଜ୍ୟରେ ମହିଳାଙ୍କ ଉପରେ ପାଶବିକ ଅତ୍ୟାଚାର ବୃଦ୍ଧି ପାଇଛି। ପ୍ରାୟ ପ୍ରତ୍ୟେକ ଦିନ ଆଇନ ସମ୍ପର୍କରେ ଜ୍ଞାତ ଥିବା ବ୍ୟକ୍ତିବିଶେଷ ନରପିଶାଚ ଭଳି ମହିଳାଙ୍କୁ ବଳାତ୍କାର କରୁଛନ୍ତି। ଛୋଟ ଛୋଟ ଶିଶୁ ବି ଏଥିରୁ ବାଦ ପଡୁନାହାନ୍ତି। ବହୁ ସ୍ଥାନରେ ମହିଳା ଓ ଶିଶୁଙ୍କୁ ବଳାତ୍କାର ପରେ ହତ୍ୟା କରାଯାଉଛି। ମହିଳାଙ୍କର ସାମାଜିକ ସ୍ଥିତି ବିପନ୍ନ ହୋଇପଡିଛି। ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଓ ମହିଳାଙ୍କର ସଶକ୍ତିକରଣ ଦାବି ନେଇ ଶୁକ୍ରବାର ଉତ୍କଳ ମହିଳା ସମିତି ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ବର୍ଷାରେ ଓଦା ହୋଇ ଯାଜପୁର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସୁରକ୍ଷା ଦିବସ ପାଳନ ଅବସରରେ ଏହି ସଂଗଠନର ବହୁ ସଦସ୍ୟ ଜିଲାର ଦଶରଥପୁର, ବଡଚଣା, ଯାଜପୁର, ବ୍ୟାସନଗର ଅଞ୍ଚଳରୁ ଆସି ସହର ପ୍ରବେଶଦ୍ୱାର କିଆନାଳୀଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚିଥିଲେ। ସଂଗଠନର ଜିଲା ସଭାପତି ପ୍ରେମଲତା ଜେନାଙ୍କ ଅଧ୍ୟକ୍ଷତାକ୍ରମେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିବାବେଳେ ଜିଲା ସମ୍ପାଦିକା ଆଭାମୟୀ ମହାନ୍ତି, ବରିଷ୍ଠ ସଂଗଠିକା ଲକ୍ଷ୍ମୀପ୍ରିୟା ପଣ୍ଡା, ଜାନବୀ ସେଠୀ, ସରସ୍ୱତୀ ପଣ୍ଡା, ମମତା ସାମଲ, ମାତନ ପାତ୍ର, ଚପଳାଛନ୍ଦା ରାଉତ, ମଞ୍ଜୁଲତା ବାଇ ପ୍ରମୁଖ ବକ୍ତବ୍ୟ ରଖି ଅଗ୍ରାଧିକାର ଭିତ୍ତିରେ ମହିଳାଙ୍କ ସମସ୍ତ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରାଯିବା, ବଳାତ୍କାରୀ ଓ ହତ୍ୟାକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠିନ ଦଣ୍ଡ ଦିଆଯିବା, ମଦ ଓ ମାଦକଦ୍ରବ୍ୟଗୁଡ଼ିକୁ ଅନ୍ୟ ରାଜ୍ୟ ଭଳି ଓଡିଶାରେ ସମ୍ପୂର୍ଣ୍ଣ ନିଷେଧ କରାଯିବା ଆଦି ଅନେକ ଦାବି କରିଥିଲେ। ଏ ନେଇ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଉତ୍କଳ ମହିଳା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ମହିଶରା ପଞ୍ଚାୟତକୁ ବିଧାୟକଙ୍କ ଗସ୍ତ

**ଚଢେଇଧରା,୩।୧(ଡିଏନଏ):** ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତରେ ଶୁକ୍ରବାର ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ବଳବନ୍ତରାୟ ସରକାରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି। ବିଧାୟକ ବଳବନ୍ତରାୟ ବିଭିନ୍ନ ଗାଁକୁ ବୁଲି ଯାଇଥିଲେ। ପଞ୍ଚାୟତର ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଆଦି ବୁଲି କେଉଁ କାର୍ଯ୍ୟ କେତେ କାର୍ଯ୍ୟକାରୀ ହୋଇଛି ତାର ସମୀକ୍ଷା କରିଥିଲେ। ଡଙ୍କାରୀ ସ୍କୁଲ, ମହିଶରା ସ୍କୁଲ, ବରଡା ସ୍କୁଲ, ବରଡା ଅଙ୍ଗନବାଡିସେଣ୍ଟର, ବରଡା କୋଠଘର, ବାଘିଯାଡା ସ୍କୁଲ, ରମ୍ଭେଇ ପୋଖରୀ ତଦାରଖ କରିଥିଲେ। ବିଦ୍ୟାଳୟଗୁଡ଼ିକୁ ଯାଇ ପିଲାଙ୍କଠାରୁ ମଧ୍ୟାହ୍ନଭୋଜନ ସମ୍ପର୍କରେ ପଚାରି ବୁଝିଥିଲେ। ଗାଁରେ ଲୋକଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗସ୍ତ ସମୟରେ ସରପଞ୍ଚ ଚକ୍ରଧର ବେହେରା, ସମିତି ସଭ୍ୟ ମଧୁସୁଦନ ବେହେରା, ପ୍ରହଲ୍ଲାଦ ଲେଙ୍କା, ଶରତ ଓଝା, ଅମୂଲ୍ୟ ରାଉତ, ନିର୍ମଳ ପ୍ରଧାନ, ସ୍ଥାନୀୟ ଲୋକେ ସାମିଲ ଥିଲେ।

# ଜଳିଗଲା ୧୦ ବଖରା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨।୧ (ଡି.ଏନ.ଏ)**

ଦର୍ପଣ ତହସିଲ ରାହାଳ ଗ୍ରାମରେ ଶୁକ୍ରବାର ୧୦ବଖରା ପୋଡ଼ିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି। ଚୁଲିରୁ ନିଆଁ ଉଡ଼ି ଏକ ଶାଢୀରେ ଲାଗି ଯାଇଥିଲା। ଏହା ପରେ ରାହାଳ ଗ୍ରାମର ନୃସିଂହ ଚରଣ ସିଂହଙ୍କ ଘରେ ନିଆଁ ଲାଗିଯିବାରୁ ଚାରିଆଡ଼କୁ ବ୍ୟାପୀ ଯାଇଥିଲା। ଏଥିରେ ସତ୍ୟରଞ୍ଜନ ସିଂହ, ନୃସିଂହ ଚରଣ ସିଂହ, ବିନୋଦ ସିଂହ, ପ୍ରମୋଦ ସିଂହ, ପ୍ରଶାନ୍ତ ସିଂହ, ବାଦଲ ସିଂହ, ଭ୍ରମରବର ସିଂହ, ଶତ୍ରୁଘ୍ନ ସିଂହ, ନୟନା ସିଂହ ଓ ସୁରେନ୍ଦ୍ର ସିଂହଙ୍କର ୧୦ ବଖରା ପୋଡ଼ି ଯାଇଥିଲା। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ନିଆଁ ଆୟତ୍ତ କରିବା ବେଳକୁ ସବୁକିଛି ପୋଡ଼ି ଯାଇଥିଲା।







# ହାଇୱା-ଲୁହାପଥର ବୋଝେଇ ଟ୍ରକ୍ ଧକ୍କା, ୩ ଗୁରୁତର

**ରସୁଲପୁର,୩।୧(ଡିଏନଏ)**

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥ ବ୍ଲକ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ସଡକ ଦୁର୍ଘଟଣାରେ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଡିବିଏଲ କମ୍ପାନୀର ଏକ ହାଇୱା ସହ ୧୨ ଚକିଆ ଲୁହାପଥର ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ଗାଡି ଚାଳକ ମଧ୍ୟପ୍ରଦେଶ ଅଞ୍ଚଳର ଅନୀଲ ଶର୍ମା(୩୫) ଓ ବିହାର ଅଞ୍ଚଳର ଦିଲଦାର ହୋସେନ(୧୯) ଓ ଆଇରନ୍ ବୋଝେଇ ଟ୍ରକର ଚାଳକ ଭଦ୍ରକ ଜିଲା ତିହିଡି ଅଞ୍ଚଳର ଧନେଶ୍ୱର କର ଆହତ ହୋଇଥିବା ଜଣାଯାଇଛି । ଆହତଙ୍କ ମଧ୍ୟରୁ ଅନୀଲ ଓ ଦିଲଦାରଙ୍କ ଗୋଡ ଭାଙ୍ଗି ଯାଇଥିବାବେଳେ ଧନେଶ୍ୱରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗଛି। ସେମାନଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ଯୋଗୁ ରାଜପଥରେ ପ୍ରାୟତଃ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଗାଡି ଚଳାଚଳରେ ବାଧା ଉପୁଜିଥିଲା। ରାସ୍ତାର ଉଭୟ ପାର୍ଶ୍ୱ ପାଣିକୋଇଲି ଓ ଜାରକା ଆଡକୁ ମାଇଲ ମାଇଲ ଧରି ଗାଡି ଛିଡା ହୋଇ ରହିଥିଲା। ବହୁ ଚେଷ୍ଟା ପରେ ପୋଲିସ ରାସ୍ତା ଉପରରୁ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ହଟାଇବା ସହ ଗାଡି ଚଳାଚଳକୁ ସ୍ୱଭାବିକ କରିବାରେ ସଫଳ ହୋଇଥିଲା । ରାଜପଥରେ ଗାଡି ଜାମ୍ ଯୋଗୁ ଦୂରଦୂରାନ୍ତରୁ ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସଗୁଡିକ ଘଣ୍ଟାଘଣ୍ଟା ଧରି ଗାଡି ଭିଡ଼ ଭିତରେ ଫସି ରହିଥିଲା। ସେଗୁଡିକୁ ମୁକୁଳାଇବା ଦିଗରେ ପୋଲିସ ପ୍ରାଥମିକତା ଦେଇଥିଲା ବୋଲି ଜଣାଯାଇଛି ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯିଏ ଗାତ ଖୋଳେ, ତାକୁ ସେହି ଗାତରେ ହିଁ ପଡ଼ିବାକୁ ହୋଇଥାଏ।
-ଯିଶୁ



■ ଅବକାରୀ ମନ୍ତ୍ରୀଙ୍କ ଯାଜପୁର ଗସ୍ତ, ବିଭାଗୀୟ କାର୍ଯ୍ୟର ସମୀକ୍ଷା

# ଚୋରା, ବିଷାକ୍ତ ମଦ ବିକ୍ରି ରୋକିବାକୁ ନିର୍ଦ୍ଦେଶ

ଯାଜପୁର ଟାଉନ,୩।୧(ଡିଏନଏ)

ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ଯାଜପୁର ଜିଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ଜିଲାରେ ଯେପରି କୌଣସି ବିଷାକ୍ତ ମଦ ବିକ୍ରି ନ ହୁଏ ଓ ବିଷାକ୍ତ ମଦ୍ୟପାନ କରି ଯେଭଳି କାହାର ମୃତ୍ୟୁ ନ ଘଟେ ସେଥିପାଇଁ ସତର୍କ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବର୍ତ୍ତମାନ ଯୁବପିଢ଼ି କୋରେକ୍ସ କଫ୍‌ସିରପ, ଡେଣ୍ଡ୍ରାଇଟ ଭଳି ମାରାତ୍ମକ ଦ୍ରବ୍ୟକୁ ନିଶା ପାଇଁ ବ୍ୟବହାର କରୁଥିବା ନେଇ ମନ୍ତ୍ରୀ ପୂଜାରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଡ୍ରଗ ଇନ୍ସପେକ୍ଟରମାନେ ନିୟମିତ ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ାଉ କରି ଷ୍ଟକ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜିଲାର କେତେକ ଅଞ୍ଚଳରେ ବ୍ରାଉନସୁଗାର ଓ ଚରସ ଇତ୍ୟାଦି କାରବାର ଚାଲୁଥିବା ସମ୍ପର୍କରେ ଆଲୋଚନା କରି ଅବକାରୀ ବିଭାଗ ଓ ପୋଲିସ ଏ ଦିଗରେ ଅଧିକ ଯତ୍ନବାନ ହେବାକୁ କହିଥିଲେ। ବିଶେଷ କରି ରାଜସ୍ୱ ଆଦାୟ ଅପେକ୍ଷା ଚୋରା ଓ ବିଷାକ୍ତ ମଦକୁ ରୋକିବା ସରକାରଙ୍କର ପ୍ରମୁଖ ଦାୟିତ୍ୱ ବୋଲି ମନ୍ତ୍ରୀ ସ୍ପଷ୍ଟ କରିବା ସହିତ ବିଭିନ୍ନ ସମୟରେ ଅବକାରୀ ମାମଲାରେ ଅପରାଧୀମାନେ ଖସି ଯାଉଥିବାରୁ ସର୍ଚ୍ଚ ଓ ଜବତ ପ୍ରକ୍ରିୟାକୁ ବୈଷୟିକ ଏବଂ ଆଇନଗତ ସହଯୋଗୀଭାବେ କରିବା ଉପରେ ପୂଜାରୀ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷରେ ଜିଲାରେ ଅଧିକାରୀ ଓ କର୍ମଚାରୀ ଅଭାବ ଥିବାନେଇ ଜିଲାପାଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ୩୬ ସ୍ଥାନରେ ୨୫ଜଣ ରହିଥିବା ଓ ୧୧ଟି ଖାଲି ପଡ଼ିଥିବା ନେଇ ସୂଚନା ରଖିଥିଲେ। ଅନ୍ୟପକ୍ଷରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୨୦୧୮-୧୯ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୧୮ କୋଟିରୁ ୧୩କୋଟି ୩୨ଲକ୍ଷ ୪୩ ହଜାର ଆଦାୟ ହୋଇଥିବାବେଳେ ୨୦୧୯-୨୦ ବର୍ଷର ଡିସେମ୍ବର ସୁଦ୍ଧା ୧୬କୋଟି ଧାର୍ଯ୍ୟରୁ ୮କୋଟି ୪୪ ହଜାର ସଂଗୃହୀତ ହୋଇଛି ବୋଲି ଜିଲା ଅବକାରୀ ଅଧିକ୍ଷକ ରଜତ କୁମାର ପ୍ରହରାଜ ସୂଚନା ରଖିଥିଲେ। ସେହିଭଳି ଜିଲାରେ ୩୯ଟି ଆଇଏମ୍‌ଏଫ୍‌ଏଲ୍ ଅଫ୍ ସପ୍, ୩୫ଟି ଅନ୍ ସପ୍, ୮ଟି ଅନ୍ ହୋଟେଲ ସପ୍, ଗୋଟିଏ ଅନବିୟର ପାର୍ଲର ଓ ୧୮ଟି ଦେଶୀ ମଦ ଦୋକାନ, ୭ଟି ମୋଲାସେସ ୟୁନିଟକୁ ମଞ୍ଜୁରୀ ମିଳିଥିବା ନେଇ ଅଧିକ୍ଷକ ସୂଚନା ରଖିଥିଲେ। ବିଭିନ୍ନ ପ୍ରକାର ଧରପଗଡରେ ୨୦୧୮-୧୯ ରେ ୧୫ ଲକ୍ଷ ୭୫ ଟଙ୍କା, ୨୦୧୯-୨୦ ରେ ୩୭ ଲକ୍ଷ ଟଙ୍କାର ସାମଗ୍ରୀ ଓ ନଗଦ ଅର୍ଥ ଜବତ ହୋଇଛି। ପୁନଶ୍ଚ ୧୦ଟି ଏନଡିପିଏସ କେଶ୍ ମାଧ୍ୟମରେ ୧୨ଜଣଙ୍କୁ ଗିରଫ କରାଯାଇ ଗତ ଆର୍ଥିକ ବର୍ଷରେ ୧୨୫ କିଲୋ ଗଞ୍ଜେଇ ଓ ଗୋଟିଏ କାର ଜବତ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୧୨୩ କିଲୋ ୨୦୦ ଗ୍ରାମ ଗଞ୍ଜେଇ, ୩୫ଟି ଗଞ୍ଜେଇ ଗଛ, ୬୦ ଗ୍ରାମ ଅଫିମ, ୩୦ ଗ୍ରାମ ବ୍ରାଉନସୁଗାର ସହିତ ଗୋଟିଏ କାର ଏବଂ ୬୫ଟି ଗଞ୍ଜେଇ ଯୁକ୍ତ ସିଗାରେଟ ଜବତ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ଅବକାରୀ ସଚିବ ଅଞ୍ଜନ ମାଣିକ ବକ୍ତବ୍ୟ ରଖି ଏନ୍‌ଡିପିଏସ ଗୋଦାମ କରାଯିବା ସହ କର୍ମଚାରୀ ନିଯୁକ୍ତିକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏସ୍‌ପି ଚରଣ ସିଂ ମୀନା ପୋଲିସ ବିଭାଗର ବିଭିନ୍ନ ଧରପଗଡ ସମ୍ପର୍କରେ ତଥ୍ୟ ରଖିଥିଲେ। ଡେପୁଟୀ କମିଶନର ରାମଚନ୍ଦ୍ର ପାଲଟା ଧନ୍ୟବାଦ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ବାଣିଜ୍ୟକର ବିଭାଗର ଅତିରିକ୍ତ ସଚିବ ନିଧି ରାଉତରାୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅବକାରୀ ସମ୍ପର୍କରେ ଆଲୋଚନା ପରେ ମନ୍ତ୍ରୀ ପୂଜାରୀ ଜିଏସଟି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହିତ କାର୍ଯ୍ୟ ସମୀକ୍ଷା କରିଥିଲେ। ତେବେ ଜିଲାରେ ଉଭୟ ବିଭାଗର କାର୍ଯ୍ୟ ପ୍ରଶଂସନୀୟ ବୋଲି ମନ୍ତ୍ରୀ କହିଥିଲେ।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀଙ୍କ ବୈଠକ।

■ ଯୁବପିଢ଼ି କଫ୍‌ସିରପ, ଡେଣ୍ଡ୍ରାଇଟକୁ ନିଶା ପାଇଁ ବ୍ୟବହାର କରୁଥିବା ନେଇ ଉଦ୍‌ବେଗ

■ ଡ୍ରଗ ଇନ୍ସପେକ୍ଟର ନିୟମିତ ଔଷଧ ଦୋକାନରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ

## ସଂକ୍ଷେପରେ

### ଶିକ୍ଷା ସଚିବଙ୍କ ଧର୍ମଶାଳା ବ୍ଲକ ଗସ୍ତ

**ଧର୍ମଶାଳା,୩।୧(ଡିଏନଏ):** ଧର୍ମଶାଳା ବ୍ଲକକୁ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଚିତ୍ରା ଅରୁମୁଗମ ଗସ୍ତ କରି ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ସମୀକ୍ଷା କରି ଫେରିଯାଇଥିବା ଜଣାପଡିଛି। ତାଙ୍କ ସହିତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ରଘୁରାମ ଆୟାର, ପିଡି ଇନ୍ଦ୍ରମଣି ନାୟକ, ଡିପିସି ବିଷ୍ଣୁଚରଣ ସୂତାର, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଡିପିଓ ଅଶୋକ କୁମାର ସେଠୀ, ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁ, ବିଇଓ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଦେଉଳିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୁମାରୀ ପଞ୍ଚାୟତ ଓ କଳ୍ପତରୁ ଦାସ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଆଦର୍ଶ ବିଦ୍ୟାଳୟ ଓ କୁମାରୀ ପଞ୍ଚାୟତ ଅଫିସ ପରିଦର୍ଶନ ସମୟରେ କୁମାରୀ ସରପଞ୍ଚ ନଟବର ସାହୁ, ମିନତୀ ପଣ୍ଡା, ପୁଷ୍ପଲତା ବାରିକ, ଝୁନୁବାଳା ଦାସ, କରୁଣାକର ବରାଳ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ।

### ବର୍ଷା ଧୋଇଦେଲା ଲକ୍ଷ୍ମୀନାରାୟଣ ପୂଜା, କୁଆଖିଆ ମହୋତ୍ସବ

**ରସୁଲପୁର,୩।୧(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ୬୫ତମ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଓ ୧୨ତମ କୁଆଖିଆ ମହୋତ୍ସବର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ କରି ଦିଆଯାଇଛି। ଲକ୍ଷ୍ମୀ ନାରାୟଣ ମଞ୍ଚରେ ଶୁକ୍ରବାର ମା' ଲକ୍ଷ୍ମୀ ନାଟ୍ୟ ସଂସଦ, ଚଣ୍ଡିପୁର ଡ୍ରାମାଟିକ୍ କ୍ଲବ ପକ୍ଷରୁ ଯାତ୍ରା ପରିବେଷଣ କରିବା ପାଇଁ କାର୍ଯ୍ୟକ୍ରମ ଥିଲା। ପ୍ରତିକୂଳ ପାଗ ଯୋଗୁ ଯାତ୍ରାକୁ ବାତିଲ କରିଦିଆଯାଇଛି। ଏହାଛଡା ମହୋତ୍ସବ ମଞ୍ଚରେ ଭୁବନେଶ୍ୱର ଅଞ୍ଚଳର ସୁନାମଧନ୍ୟ ଭକ୍ତିତୀର୍ଥ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ମଧ ରହିଥିଲା। ଝିପ୍ ଝିପ୍ ବର୍ଷା ଲାଗି ରହିଥିବାରୁ କାର୍ଯ୍ୟକ୍ରମ ବାତିଲ କରିବାକୁ ପରିଚାଳନା କମିଟିର ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ଏହି ପୂଜା ଅବସରରେ ପ୍ରତିକୂଳ ପାଗ ଯୋଗୁ ଡିସେମ୍ବର ୨୬ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଭୟ ମଞ୍ଚରୁ ବାତିଲ କରାଯାଇଥିଲା। ଖରାପ ପାଗ ଯୋଗୁଁ ଦର୍ଶକଙ୍କ ଦେଖା ମିଳିନଥିଲା। ପଡିଆ ଠାରୁ ଆରମ୍ଭ କରି ସବୁ ଆଡେ ଖାଁ ଖାଁ ଲାଗୁଥିଲା। ପୂଜା ମହୋତ୍ସବ ଅବସରରେ ଦୁଇଦିନ ବର୍ଷା ଯୋଗୁ ଲକ୍ଷାଧିକ ଟଙ୍କାର ବ୍ୟବସାୟିକ କ୍ଷତି ପହଞ୍ଚିଥିବା ଆକଳନ କରାଯାଉଛି। ଶୁକ୍ରବାରର କାର୍ଯ୍ୟକ୍ରମଗୁଡିକୁ ଶନିବାର ପାଗ ଅନୁକୂଳ ରହିଲେ ଆଗୁଆ ପରିବେଷଣ କରାଯିବା ନେଇ କମିଟି ପକ୍ଷରୁ ଯୋଜନା ରଖାଯାଇଛି।

### ଜିଲା କଂଗ୍ରେସ ପକ୍ଷରୁ ଜାନକୀଙ୍କ ଜୟନ୍ତୀ

**ଯାଜପୁର ଟାଉନ,୩।୧(ଡିଏନଏ):** ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁଚରଣ ରାଉତ, ସନ୍ତୋଷ ନନ୍ଦ, ବିଭୂତି ମହାପାତ୍ର, ହୃଷିକେଶ ପତି, ନାରାୟଣ ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଅବଦୁଲ ସଲିମ, ଅରଜିତ ନାୟକ ପ୍ରମୁଖ ଯୋଗଦେଇ ଜାନକୀ ପଟ୍ଟନାୟକଙ୍କର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବରୀ,୩।୧(ସ୍ୱ.ପ୍ର):** ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତ ଗହପାଳ ଗ୍ରାମର ଆଦର୍ଶ ଶିକ୍ଷକ ତଥା ବରିଷ୍ଠ ସାମାଜିକ କର୍ମୀ ପିତାମ୍ବର ବାରିକ (୯୨)ଙ୍କର ଶୁକ୍ରବାର ସକାଳେ ପରଲୋକ ଘଟିଛି। ସ୍ୱର୍ଗତ ବାରିକ ଅବସର ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇ ଜନହିତକର କାର୍ଯ୍ୟ କରୁଥିଲେ। ସନ୍ତନ ମଠ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଦୀର୍ଘଦିନ ହେଲା ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ଗହପାଳ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାରେ ବାରିକଙ୍କ ମୁଖ୍ୟ ଭୂମିକା ରହିଥିଲା। ସେ ଏହି ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ଯୋଡି ହୋଇ ଶିକ୍ଷାର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ। ଗହପାଳ ଗ୍ରାମର ଡାକନାମ ପର୍ବକୁ ଆରମ୍ଭ କରିଥିଲେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ସ୍ୱର୍ଗତ ବାରିକଙ୍କ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁଅ ଅବସରପ୍ରାପ୍ତ ଅଧକ୍ଷ ଅଜୟ କୁମାର ବାରିକ ମୁଖାଗ୍ନି ଦେଇଛନ୍ତି। ତାଙ୍କ ମୃତ୍ୟୁରେ ବରୀ ବିଧାୟିକା ସୁନନ୍ଦା ଦାସ, ଜିଲାପାଳ ରଞ୍ଜନ କୁମାର ଦାସ, ବରୀ ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ସାହୁ, ସାମାଜିକ କର୍ମୀ ସନତ କୁମାର ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବର୍ଷା ଯୋଗୁ ଫିକା ପଡ଼ିଲା ଧର୍ମଶାଳା ମହୋତ୍ସବ

## ବାତିଲ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଧର୍ମଶାଳା,୩।୧(ଡିଏନ୍ଏ):** ଧର୍ମଶାଳା ମହୋତ୍ସବ ଶୁକ୍ରବାର ଦଶମ ଦିବସରେ ପହଞ୍ଚିଛି। ଗୁରୁବାର ରାତିଠାରୁ ପାଗ କୋହଲା ରହିବା ସହ ଶୁକ୍ରବାର ସକାଳୁ ଝିପ୍‌ଝିପ୍ ବର୍ଷା ଲାଗି ରହିବା ଯୋଗୁ ମହୋତ୍ସବ ଫିକା ପଡିଛି। ତେବେ ବର୍ଷା ଯୋଗୁ ଶୁକ୍ରବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି। ଏହି ମୋହତ୍ସବ ୨୫ ତାରିଖରେ ଆରମ୍ଭ ହେବା ପରଠାରୁ ପ୍ରତିଦିନ ଅପରାହ୍ନରୁ ରାତିଯାଏ ହଜାର ହଜାର ଜନସମାବେଶ ହେଉଥିଲା। ୩୦ ତାରିଖରୁ ଗୁରୁବାର ପର୍ଯ୍ୟନ୍ତ ନାହିଁ ନ ଥିବା ଜନସମାଗମ ଦେଖିବାକୁ ମିଳିଥିଲା। ଏଠାରେ ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରୁ ଆସି ଦୋକନ ଖୋଲିଥିବା ଓ ଭଲ ବେପାର ହୋଇଥିବା ଜାଣିବାକୁ ମିଳିଛି। ମାତ୍ର ବର୍ଷା ଯୋଗୁ ବ୍ୟବସାୟୀମାନେ ହାତବାନ୍ଧି ବସିଛନ୍ତି। କେତେଜଣ ଦୋକାନୀ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଯେଉଁ ସ୍ଥାନଗୁଡ଼ିକରେ ପାଣି ଅଟକି ରହିଛି, ସେହି ସ୍ଥାନଗୁଡିକରେ ପାଣି ନିଷ୍କାସନ କରାଯାଇ ବାଲି ପକାଇବା ପାଇଁ କମିଟି ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହିଭଳି ପାଗ ୫ ତାରିଖ ଯାଏଁ ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶନିବାର ଏହିଭଳି ପାଗ ଲାଗି ରହିଲେ ମହୋତ୍ସବ ଫିକା ପଡିବ ବୋଲି ଜଣାଯାଇଛି।

■ ପ୍ରଥମଖଣ୍ଡ ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

# ୨୫ଶହ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

ରସୁଲପୁର,୩।୧(ଡିଏନଏ)

ରସୁଲପୁର ବ୍ଲକ ଅଧୀନ ୧୧ଟି ପ୍ରାଥମିକ କୃଷି ସେବା ସମିତି(ପାକ୍ସ) ରହିଛି।ସେଥିରୁ ପ୍ରଥମଖଣ୍ଡ ସେବା ସମିତି ଧାନ ମଣ୍ଡି ଖୋଲିବାରେ ଆଗୁଆ ରହିଛି। ଏହି ସମିତି ଜରିଆରେ ୨୫ଶହ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ କରାଯାଇଛି। ଏଥିପାଇଁ ଦୁଇଟି ମିଲରଙ୍କୁ ନିଯୁକ୍ତ କରାଯାଇଛି। ଚାଷୀଙ୍କୁ ଚିହ୍ନଟ କରିବା ପାଇଁ ଆଇ ସ୍କାନର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ମଣ୍ଡିକୁ ଧାନ ଆଣିବାବେଳେ ଚାଷୀମାନେ ଝୋଟରେ ତିଆରି ବସ୍ତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କୌଣସି କାରଣରୁ ପଞ୍ଜୀକୃତ ଚାଷୀ ମଣ୍ଡିକୁ ଧାନ ଆଣିବାକୁ ଅକ୍ଷମତା ପ୍ରକାଶ କଲେ ଏବଂ ଏନେଇ ସମିତିକୁ ଜଣାଇଲେ ସମିତି ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟରମାନେ ଚାଷୀ ଘରେ ପହଞ୍ଚି ଧାନ କିଣିବାକୁ ପରାମର୍ଶ ଦିଆଯାଇଛି। ପାକ୍ସ ସଭାପତି ମୁକୁନ୍ଦଦେବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମଣ୍ଡି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବରେ ସମବାୟ ସଂପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ ଚିନ୍ତାମଣୀ ସୁର, ପ୍ରଫୁଲ୍ଲ କୁମାର ସାହୁ, କଟକ କୋ-ଅପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ବିକାଶ ମିଶ୍ର, ଧାନକ୍ରୟ କମିଟି ପକ୍ଷରୁ ଅମୁଲ୍ୟ ମହାନ୍ତି, ପଞ୍ଚାନନ ରାଉତ, ପ୍ରଶାନ୍ତ କୁମାର ସାହାଣୀ, ମାଳତୀ ଦଳେଇ, ନରେଶ ମହାନ୍ତି, ଚକ୍ରଧର ଦାସ, ଶ୍ରୀଧର ପ୍ରଧାନ, ଅଭିମନ୍ୟୁ ସେଠୀ, ଶୁକଦେବ ନାୟକ, କୈଳାସ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଶଶିଭୂଷଣ ଦାସ, ବଟକୃଷ୍ଣ ସାହୁ, ଗଜେନ୍ଦ୍ର ସୁର, ନରେନ୍ଦ୍ର ବାହାଲିଆ, ପ୍ରହ୍ଲାଦ ପଲେଇ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମିତି ଅଧିନରେ ୧୬୫ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଦଫାରେ ସମିତି ପକ୍ଷରୁ ପ୍ରଥମଥର ପାଇଁ ୮ଜଣଙ୍କ ନାମ ସୁପାରିଶ କରାଯାଇଛି। ସେମାନଙ୍କ ପାଇଁ ଟୋକନ ଆସିବା ପରେ ଚାଷୀଙ୍କଠାରୁ ଧାନ କିଣିବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି।



### ବରୀ ବିଧାୟିକାଙ୍କ ମିଥ୍ୟା ସତ୍ୟପାଠ ମାମଲା

## ୨୪ରେ କୋର୍ଟରେ ହାଜର ହୋଇ ଜବାବ ଦାଖଲ ନିର୍ଦ୍ଦେଶ

ରତ୍ନଗିରି,୩।୧(ଡିଏନ୍ଏ)

ବରୀ ବିଧାୟିକା ସୁନନ୍ଦା ଦାସ ଗତ ସାଧାରଣ ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ପ୍ରତିପକ୍ଷ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହାକୁ ଗ୍ରହଣ କରି ଏକ ମାମଲା (ନଂ.୪/୨୦୧୯) ରୁଜୁ କରିବା ସହିତ ବିଧାୟିକାଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଧାୟିକା ଦାସ କୋର୍ଟରେ ବାରମ୍ବାର ଅନୁପସ୍ଥିତ ରହିବା ଯୋଗୁ ଶୁକ୍ରବାର ହାଇକୋର୍ଟ ତାଙ୍କୁ ଆସନ୍ତା ୨୪ ତାରିଖରେ ହାଜର ହୋଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ପ୍ରକାଶ ଥାଉକି, ବରୀ ନିର୍ବାଚନ ମଣ୍ଡଳୀରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ଦାସ ନାମାଙ୍କନପତ୍ର ଦାଖଲ ବେଳେ ତାଙ୍କ ନାମରେ ଥିବା ଫୌଜଦାରୀ ମାମଲାକୁ ସତ୍ୟପାଠରେ ଉଲ୍ଲେଖ କରି ନଥିଲେ। ଏନେଇ ତାଙ୍କ ସଭ୍ୟପଦ ରଦ୍ଦ କରିବାକୁ ପ୍ରତିପକ୍ଷ ଭାଜପା ପ୍ରାର୍ଥୀ ମଲ୍ଲିକ କୋର୍ଟଙ୍କୁ ଅନୁରୋଧ କରିଥିଲେ।

# ପ୍ରଶାସନିକ ନଗର ପାଇଁ ଜମି ଅଧିଗ୍ରହଣ ଆରମ୍ଭ

ଯାଜପୁର ଟାଉନ,୩।୧(ଡିଏନଏ)

ଯାଜପୁରରେ ପ୍ରଶାସନିକ ନଗର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି। ପ୍ରଥମ ଜମି ବିକ୍ରେତାଭାବେ ସ୍ୱର୍ଣ୍ଣପ୍ରଭା ଦାସ ଓ ପ୍ରକାଶ କୁମାର ମହାନ୍ତି ଜିଲାପାଳ ରଞ୍ଜନ କୁମାର ଦାସଙ୍କଠାରୁ ସେମାନଙ୍କ ପ୍ରାପ୍ୟ ଗ୍ରହଣ କରିଛନ୍ତି। ସରକାରୀ ବିଜ୍ଞପ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା ୧୦୨୪୧/୩୧।୩।୨୦୧୪ ଓ ୨୮୪୬/୨୭।୨।୧୫ ଆଧାରରେ ପ୍ରଦତ୍ତ ପ୍ରତ୍ୟକ୍ଷ ଖର୍ଦ୍ଦବିକ୍ରି ମାଧ୍ୟମରେ ଜମି ଅଧିଗ୍ରହଣ ନିର୍ଦ୍ଦେଶନାମା ଅନୁସାରେ ଜମି କ୍ରୟ କରାଯାଇଛି। ସ୍ୱର୍ଣ୍ଣପ୍ରଭାଙ୍କର ସ୍ଥିତିବାନ ଖାତା ନଂ. ୫୦୩/୫୮୭ ଖସଡା ୯୮୮ ନଂ.ର ଏ୦.୦୩୫ଡି ଓ ଖସଡା ନଂ. ୯୮୭ ଏ ୦.୦୨୫ଡି ଏହିପରି ମୋଟ ଏ୦.୦୬୦ ଡିସିମିଲ ଜମି ପାଇଁ ଚେକ୍ ମାଧ୍ୟମରେ ଦାସ ୧୬ଲକ୍ଷ ୮ ହଜାର ୫୫୦ ଟଙ୍କା ଗ୍ରହଣ କରିଛନ୍ତି। ସେହିପରି ପ୍ରକାଶଙ୍କର ୧୬ ଡିସିମିଲ ଜମି ପାଇଁ ୪୩ ଲକ୍ଷ ୬୪ ହଜାର ଟଙ୍କା ତାଙ୍କୁ ଜିଲାପାଳ ଦାସ ପ୍ରଦାନ କରିବା ସହ ପ୍ରଶାସନିକ ନଗର ଗଢ଼ିବା ପାଇଁ ଜମି ପ୍ରଦାନ କରିବାରେ ସେମାନଙ୍କର ମହାନତା ପାଇଁ ଉଭୟଙ୍କୁ ଜିଲାପାଳ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଯାଜପୁର ଜିଲା ସମଗ୍ର ଓଡ଼ିଶାରେ ପ୍ରଥମ ଜିଲାଭାବେ ଏଭଳି ଏକ ଅଭିନବ ଭବନର ପରିକଳ୍ପନା କରି ଏହାକୁ କାର୍ଯ୍ୟକାରୀ କରିବାର ଅୟମାରମ୍ଭ କରିଛି। ଏହି ଆଡମିନିଷ୍ଟ୍ରେଟିଭ ବିଲ୍ଡିଂ ନିର୍ମାଣ କରାଗଲେ ଏଥିରେ ସମସ୍ତ ବିଭାଗଗୁଡିକ ରହିପାରିବ ଏବଂ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ସହଜରେ ପ୍ରଶାସନିକ ସେବା ପାଇପାରିବେ ବୋଲି ଜିଲାପାଳ କହିଛନ୍ତି। ଏହି ପ୍ରଶାସନିକ ନଗର ପାଇଁ ମୋଟ ୪୦ଏକର ଜମି ଅଧିଗ୍ରହଣ ହେବାକୁ ଥିବାବେଳେ ବର୍ତ୍ତମାନ ପାଖାପାଖି ୧୧ଏକର ଜମିକୁ ପ୍ରଥମ ପର୍ଯ୍ୟାୟରେ ଖର୍ଦ୍ଦ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଚେକ ପ୍ରଦାନ କାର୍ଯ୍ୟକ୍ରମରେ ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଅନୁପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜମି ଅଧିଗ୍ରହଣ ବିଭାଗର ରାଜସ୍ୱ ନୀରିକ୍ଷକ ସୂର୍ଯ୍ୟପ୍ରକାଶ ନାୟକ, ବରିଷ୍ଠ ସହାୟକ ଗଣ୍ଡା ହୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଲା ପ୍ରେମରେ ୯୦ ବର୍ଷୀୟ ବିଷ୍ଣୁଚରଣ

ରସୁଲପୁର,୩।୧(ଡିଏନଏ)

ଏକଦା ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରଚାର, ପ୍ରସାର ଦିଗରେ ପାଲା ଏକ ବଳିଷ୍ଠ ମାଧ୍ୟମ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା ପରିବେଷଣକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଆଧୁନିକ ଚାକଚକ୍ୟ ଭିତରେ ପାଲା ଗୁରୁତ୍ୱହୀନ ହୋଇପଡିଛି। ଏବେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ ମଞ୍ଚଗୁଡିକରେ ପାଲା ପରିବେଷଣ କ୍ୱଚିତ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ପାଲା ପ୍ରେମରେ ବନ୍ଧା ପଡିଛନ୍ତି ବିଷ୍ଣୁଚରଣ ଜେନା। ବୟସ ୯୦ ଛୁଇଁଲାଣି, ହେଲେ ତାଙ୍କର ପାଲା ପ୍ରତି ଆକର୍ଷଣ ଏବେ ବି ଅତୁଟ ରହିଛି। ଜୀବନ କାଳରେ ସେ ସମଗ୍ର ରାଜ୍ୟ ବୁଲି ପାଲା ଦର୍ଶକ ସାଜିବାକୁ ଆଶା ବାନ୍ଧିଛନ୍ତି। ତେବେ ପାଲା ପ୍ରତି ବିଷ୍ଣୁଚରଣଙ୍କ ପ୍ରବଳ ଇଚ୍ଛା, ପାଲା ପରିବେଷଣ ସମୟରେ ଗାୟକ ଓ ବାୟକଙ୍କ ଛାନ୍ଦ ଓ ଶ୍ଳୋକ ଅଂଶକୁ ଆବୃତ୍ତି କରି ସାଧାରଣରେ ପ୍ରଶଂସିତ ହୋଇପାରିଛି। ବୟସର ଅପରାହ୍ନରେ ବି ତାଙ୍କ ସ୍ମରଣ ଶକ୍ତି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ରସୁଲପୁର ବ୍ଲକ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଯାଜପୁର ବ୍ଲକ ଅଧୀନ ବେରୁଦା ପଞ୍ଚାୟତରେ ବିଷ୍ଣୁଙ୍କ ଘର। ସେ ପେଶାରେ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପିଅନ ଭାବେ କାମ କରୁଥିଲେ। ଛୋଟବେଳୁ ତାଙ୍କର ମନରେ ପାଲା ପ୍ରତି ଅତ୍ୟନ୍ତ ଦୁର୍ବଳତା ରହିଛି। ୨୦ବର୍ଷ ବୟସରୁ ସେ ପାଲା ଦେଖିବା ପାଇଁ ଜିଲା ବାହାରକୁ ଯାଇଛନ୍ତି। ସେବେଠାରୁ ସେ ବିଭିନ୍ନ ସ୍ଥାନକୁ ବୁଲି ପାଲା ଦେଖି ଆସୁଛନ୍ତି। ଏବେ ସୁଧା ଯାଜପୁର ଜିଲା ଛଡା କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, କଟକ, ଭଦ୍ରକ, କେନ୍ଦୁଝର, ପୁରୀ, ଢେଙ୍କାନାଳ ଭଳି ୧୩ଟି ଜିଲା ବୁଲି ପାଲା ଦେଖି ସାରିଲେଣି। ସେ ଦୈନିକ ଅଫିସ କାର୍ଯ୍ୟ ସାରିବା ପରେ ଯାଜପୁର ଓ ପଡୋଶୀ ଜିଲାର ଯେଉଁଠି ପାଲା ହେଉଥାଏ ସେଠାକୁ ଯାଇ ରାତିରେ ପାଲା ଦେଖି ଫେରି ଆସି ସକାଳେ ଅଫିସ କାର୍ଯ୍ୟରେ ଯୋଗ ଦେଉଥାନ୍ତି। ଏହା ଭିତରେ ସେ ୩୦ଜଣ ଗାହାଣଙ୍କ ପାଲା ପରିବେଷଣ ଦେଖି ସାରିଛନ୍ତି। ଅବସର ପରେ ତାଙ୍କୁ ପେନସନ୍ ବାବଦକୁ ମିଳୁଥିବା ଟଙ୍କାରୁ ଅଧା ଅର୍ଥ ସେ ଘରକୁ ଦେଉଛନ୍ତି। ବଳକା ଅର୍ଥକୁ ସେ ବିଭିନ୍ନ ସ୍ଥାନ ବୁଲି ପାଲା ଦେଖିବାରେ ବ୍ୟୟ କରୁଛନ୍ତି। ଏ ଦିଗରେ ତାଙ୍କର ପରିବାରର କୌଣସି ଆପତ୍ତି ନାହିଁ। ଆରମ୍ଭରୁ ସ୍ତ୍ରୀଙ୍କ ବାରଣ ରହୁଥିଲା, ମାତ୍ର ପରେ ସେ ଏ ଦିଗରେ ତାଙ୍କୁ ସହଯୋଗ କରିଆସୁଛନ୍ତି ବୋଲି ବିଷ୍ଣୁଚରଣ ଧରିତ୍ରୀକୁ କହିଛନ୍ତି। ତେବେ ପାଲା ପ୍ରତି ତାଙ୍କର ଅଜବ ନିଶା ଆଗରେ ସବୁ କିଛି ହାର ମାନିଛି ବୋଲି କୁହାଯାଉଛି।

### ଘାରିଛି ଅଜବ ନିଶା



■ ରାଜ୍ୟସାରା ବୁଲି ଦେଖୁଛନ୍ତି ପାଲା

■ ଗାୟକ, ବାୟକଙ୍କ ଛାନ୍ଦ ଓ ଶ୍ଳୋକ ଅଂଶକୁ ଆବୃତ୍ତି କରି ପ୍ରଶଂସିତ


UTKAL UNIVERSITY
VANI VIHAR, BHUBANESWAR - 751004
ODISHA, INDIA
NAAC ACCREDITED A+

No. DRS/RUSA-1041-2016 (HR)/16 /2020 Dated the 3 January 2020

INDICATIVE ADVERTISEMENT

Walk in Interview for Empanelment of Human Resources under RUSA 2.0 Project

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**

The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

Sd/- REGISTRAR

